# ସଂଗ୍ରାମୀ ମାଳତୀ ଚୌଧୁରୀ

ମିନାକ୍ଷୀ ମିଶ୍ର

**ଭା**ରତର ମୁକ୍ତି ସଂଗ୍ରାମରେ ଓଡ଼ିଶାର ଯୋଗଦାନ ଥିଲା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଆମ ରାଜ୍ୟର ବହୁ ସଂଗ୍ରାମୀ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଦେଶପ୍ରେମର ଉଜ୍ଜ୍ୱଳ ଉଦାହରଣ ଦେଇଯାଇଛନ୍ତି । ସେମାନଙ୍କ ମଧ୍ୟରେ ମାଳତୀ ଚୌଧୁରୀ ଅନ୍ୟତମ ।

ଗାନ୍ଧିଜୀଙ୍କ ମୁକ୍ତି ଆନ୍ଦୋଳନର ଆହ୍ୱାନରେ ଅନୁପ୍ରାଣିତ ହୋଇଥିଲେ ମାଳତୀ ଦେବୀ । କୈଶୋର ଅବସ୍ଥାରୁ ପରାଧୀନ ଭାରତର ଜନସାଧାରଣଙ୍କ ଦୁଃଖଦୁର୍ଦ୍ଦଶା ସହ ସାମିଲ ହେଲେ ସେ । ଜନମାନବର ସେବାକୁ ନିଜର ବ୍ରତ କରି ଶେଷ ଜୀବନ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିଥିଲେ ମାଳତୀ ଦେବୀ ।


ମାଳତୀ ଚୌଧୁରୀ

କଲିକତାର ବାରିଷ୍ଟର କୁମୁଦନାଥ ସେନ ଓ ସ୍ନେହଲତାଙ୍କ ଔରସରୁ ୧୯୦୪ ମସିହା ଜୁଲାଇ ୨୬ ତାରିଖରେ ମାଳତୀ ଦେବୀ ପାଟନାଠାରେ ଜନ୍ମଗ୍ରହଣ କରିଥିଲେ । ତିନିବର୍ଷ ବୟସରୁ ମାଳତୀ ଦେବୀ ପିତୃହରା ହେଲେ । ତାଙ୍କର ସମସ୍ତ ଦାୟିତ୍ୱ ମା' ସ୍ନେହଲତା ବହନ କଲେ । ମା' ଦାର୍ଜିଲିଂର ଭିକ୍ଟୋରିଆ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ଗ୍ରହଣ କଲେ । ମାଳତୀ ଦେବୀଙ୍କ ପାଠପଢ଼ା ମଧ୍ୟ ସେହି ବିଦ୍ୟାଳୟରୁ ଆରମ୍ଭ ହେଲା । ମାଟ୍ରିକ୍ ପରୀକ୍ଷା ସମୟରୁ ହିଁ ମାଳତୀ ଦେବୀଙ୍କଠାରେ ଦେଶପ୍ରେମର ଭାବ ଦେଖିବାକୁ ମିଳିଥିଲା । ବିଦ୍ୟାଳୟର ଇଂରାଜୀ ନାମକରଣ ଯୋଗୁଁ ସେହି ବିଦ୍ୟାଳୟର ପାଠପଢ଼ିବା ପାଇଁ ଅନିଚ୍ଛା ପ୍ରକାଶ କଲେ । ନିଜ ଜିଦିରେ ଅଟଳ ରହିଲେ । ସେଥିପାଇଁ ଘରୁ ଲୁଚି କରି ସେ ନିଜ ଦାଦାଙ୍କ ଘରକୁ ପଳାଇ ଆସିଥିଲେ । ପରେ ଶାନ୍ତି ନିକେତନଠାରେ ପାଠପଢ଼ା ଆରମ୍ଭ କଲେ ।

ଶାନ୍ତିନିକେତନରେ ପାଠପଢ଼ିବା ସମୟରେ ମାଳତୀ ଦେବୀ, ରବୀନ୍ଦ୍ରନାଥ ଠାକୁରଙ୍କଦ୍ୱାରା ପ୍ରଭାବିତ ହେଲେ । ଗ୍ରାମ ସ୍ୱରାଜ୍ୟ ଓ ଗାଁରେ ଶିକ୍ଷାର ପ୍ରସାରପ୍ରତି ସଚେତନ ହେଲେ । ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଆହ୍ୱାନ ଓ ରବୀନ୍ଦ୍ରନାଥ ଠାକୁରଙ୍କ ଜନସେବା ମନୋବୃତ୍ତିର ପ୍ରଭାବ ମାଳତୀ ଦେବୀଙ୍କୁ ଭାରତର ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବରେ ଯୋଗଦେବା ନିମନ୍ତେ ପ୍ରେରଣା ଯୋଗାଇଲା । ଶାନ୍ତି ନିକେତନରେ ସେ ରବୀନ୍ଦ୍ର ସଂଗୀତ ବୋଲି ସୁନାମ ଅର୍ଜନ କରିଥିଲେ ।

ବିବାହ ପରେ ଓଡ଼ିଶାକୁ ନିଜର କର୍ମଭୂମି ଭାବରେ ବାଛି ନେଲେ ମାଳତୀ ଦେବୀ । ସ୍ୱାଧୀନତା ସଂଗ୍ରାମରେ ଯୋଗଦାନକୁ ବିବାହ ପ୍ରତିବନ୍ଧକ ହୋଇପାରିଲା ନାହିଁ ।

## ଲବଣ ସତ୍ୟାଗ୍ରହ

ଲବଣ ସତ୍ୟାଗ୍ରହ ଭାରତର ସ୍ୱାଧୀନତା ସଂଗ୍ରାମର ଏକ ମାଇଲଖୁଣ୍ଟ । ଲବଣ ସତ୍ୟାଗ୍ରହ ସମୟରେ ମାଳତୀ ଦେବୀ ଇଞ୍ଚୁଡ଼ି ସମୁଦ୍ର କୂଳରେ ପହଞ୍ଚିଥିଲେ । ଲକ୍ଷ ଲକ୍ଷ ଜନତାଙ୍କ ମଧ୍ୟରେ ଏକ ହୋଇ ସମୁଦ୍ର କୂଳରେ ଲୁଣ ମାରିଲେ । ଇଂରେଜ ଶାସନର ନାଲି ଆଖି ଓ ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ଭ୍ରୂକ୍ଷେପ ନ କରି ଲବଣ ସତ୍ୟାଗ୍ରହରେ ସାମିଲ ହୋଇଥିଲେ ମାଳତୀ ଦେବୀ । ଫଳସ୍ୱରୂପ ୧୯୩୦ ମସିହା ସେପ୍ଟେମ୍ବର ୨୦ ତାରିଖରେ ମାଳତୀ ଦେବୀ ଗିରଫ ହେଲେ । ସେତେବେଳେ ଝିଅ ଉତ୍ତରା ୬ ମାସର ହୋଇଥାଏ । ତେଣୁ ମାଳତୀ ଦେବୀଙ୍କ ସହ ଝିଅ ଉତ୍ତରାକୁ ନେଇ ଭାଗଲପୁର ସେଣ୍ଟ୍ରାଲ ଜେଲ୍‌ରେ ରଖାଗଲା ।

## ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାବହ

ମାଳତୀ ଦେବୀ ନିଜେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ସଂଗେସଂଗେ ଅଗଣିତ ଜନତାଙ୍କୁ ଇଂରେଜ ଶାସନ ବିରୋଧରେ ସଚେତନତା ସୃଷ୍ଟି କରିବାକୁ ଅଣ୍ଟାଭିଡ଼ି ବାହାରିଥିଲେ । ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତା ପ୍ରତ୍ୟେକ କୋଣ ଅନୁକୋଣରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଝିଅମାନଙ୍କୁ ଏକାଠି କଲେ ମାଳତୀ ଦେବୀ । ସେମାନଙ୍କୁ

ଡ୍ରିଲ୍, ପତାକା ଉତ୍ତୋଳନ, ସ୍ଲୋଗାନ ପ୍ରଭୃତି ଶିଖାଇଲେ ଓ ଗାଁ ଗାଁ ବୁଲି ସ୍ୱାଧୀନତାର ବାର୍ତ୍ତା ପ୍ରଚାର କଲେ ।

କଂଗ୍ରେସ ପାଇଁ ପାଣ୍ଠି ସଂଗ୍ରହ କରିବା ସହିତ ଇଂରେଜୀ ଶାସନ ବିରୁଦ୍ଧରେ ଜନମତ ସୃଷ୍ଟି କରୁଥିଲେ । କଂଗ୍ରେସର ମହିଳା ସଭ୍ୟା ଭାବରେ କଂଗ୍ରେସର ବିଭିନ୍ନ କ୍ୟାମ୍ପମାନଙ୍କରେ ମହିଳାମାନଙ୍କୁ ଶିକ୍ଷାଦାନ କରିବା ଦାୟିତ୍ୱ ମାଳତୀ ଦେବୀ ଅତ୍ୟନ୍ତ ସୁଚାରୁ ରୂପେ ସମ୍ପାଦନ କରୁଥିଲେ । ନିଶା ନିବାରଣ, ବିଦେଶୀ ଦ୍ରବ୍ୟ ବର୍ଜନ ନିମନ୍ତେ ଲୋକମାନଙ୍କୁ ସଚେତନ କରାଇବାରେ ଲାଗିପଡ଼ିଲେ । ଏହା ଇଂରେଜ ଶାସନର ଚକ୍ଷୁଶୂଳ ହେଲା । ଆନ୍ଦୋଳନରେ ସାମିଲ ହେବା ଯୋଗୁଁ ପୁନର୍ବାର ମାଳତୀ ଦେବୀଙ୍କୁ ଜେଲ୍ ଯିବାକୁ ପଡ଼ିଲା ।

### ପ୍ରଜାମଣ୍ଡଳ ଆନ୍ଦୋଳନ

ରାଜାମାନଙ୍କର ଅତ୍ୟାଚାରରେ ନିର୍ଯ୍ୟାତିତ ହେଉଥିବା ପ୍ରଜାମାନଙ୍କର ଦୁଃଖ ଦେଖି ମାଳତୀ ଦେବୀ ବ୍ୟଥିତ ହେଲେ । ପ୍ରଜାମାନଙ୍କୁ ନେଇ ପ୍ରଜାମଣ୍ଡଳମାନ ଗଢ଼ିଲେ ଓ ରାଜାମାନଙ୍କୁ ନ୍ୟାୟ ମାଗିଥିଲେ । ମାତ୍ର ଇଂରାଜୀ ଶାସନ ପ୍ରତି ଅନୁଗ୍ରହ ରଖିଥିବା ରାଜାମାନେ ନିଷ୍ଠୁର ଭାବରେ ଦମନ କଲେ । ଗୋରା ଫଉଜ ଆଣି ଜଗାଇଲେ । ମାତ୍ର ପ୍ରଜାମଣ୍ଡଳ ଆନ୍ଦୋଳନ ତୀବ୍ରତର ହୋଇଥିଲା । ଏହି ପ୍ରଜାମଣ୍ଡଳ ଆନ୍ଦୋଳନରେ ପ୍ରଜାମାନଙ୍କୁ ଉତ୍ସାହିତ କରୁଥିଲେ ମାଳତୀ ଦେବୀ । ଫଳରେ ପ୍ରଜାଙ୍କ ପାଖରେ ରାଜଶକ୍ତି ଶେଷରେ ମୁଣ୍ଡ ନୁଆଁଇଥିଲା ।

### ଗାନ୍ଧିଜୀ ଶ୍ରଦ୍ଧା କରୁଥିଲେ

ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ସମୟରେ ମାଳତୀ ଦେବୀ ବିଭିନ୍ନ ସଭା ସମିତିରେ ଯୋଗ ଦେଉଥିଲେ । ଲୋକମାନଙ୍କର ଦୁର୍ଦ୍ଦଶା ସମ୍ପର୍କରେ ଓ ସ୍ୱାଧୀନତା ସଂଗ୍ରାମର ରୂପରେଖ ବିଷୟରେ ଅବଗତ କରାଉଥିଲେ । ନୂଆଖାଲିଠାରେ ହିନ୍ଦୁ ମୁସଲମାନମାନଙ୍କ ଦଙ୍ଗା ସମୟରେ ଗାନ୍ଧିଜୀ ଦଙ୍ଗାରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଗସ୍ତ କରି ଭେଟୁଥିଲେ । ମାଳତୀ ଦେବୀ ସେହି ସମୟରେ ଦଙ୍ଗାଗ୍ରସ୍ତ ଅଞ୍ଚଳକୁ ଯାଇ ତଦାରଖ କରୁଥିଲେ । ଦଙ୍ଗାରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଯାଇ ମାଳତୀ ଦେବୀ ଆଗରୁ ଚିହ୍ନଟ କରୁଥିଲେ । ପରେ ମହାତ୍ମା ଗାନ୍ଧୀ ସେହିସବୁ ପରିବାରକୁ ଭେଟୁଥିଲେ । ମାଳତୀ ଦେବୀଙ୍କ କର୍ମତତ୍ପରତାକୁ ଦେଖି ଶ୍ରଦ୍ଧାରେ ଗାନ୍ଧିଜୀ ତାଙ୍କୁ 'ତୋଫାନି' ବୋଲି ଡାକୁଥିଲେ ।

### ଭାରତ ଛାଡ଼ ଆନ୍ଦୋଳନ

ଭାରତଛାଡ଼ ଆନ୍ଦୋଳନ ଡାକରାରେ ଇଂରେଜ ସରକାର ଦମନଲୀଳା ଚଳାଇଲେ ମାଳତୀ ଦେବୀ ଚୁପ୍ ରହନ୍ତେ ବା କିପରି ? ଆନ୍ଦୋଳନ ଡାକରାରେ ଓଡ଼ିଶାର ନରନାରୀଙ୍କୁ ସେ ଏକତ୍ର କଲେ । ଆନ୍ଦୋଳନରେ ସାମିଲ ହୋଇ ସେ ହେଲେ ଓ ଶେଷରେ ଅଟକବନ୍ଦୀ ହେଲେ ।

### ବାଜିରାଉତ ଛାତ୍ରାବାସ

ନୂଆଖାଲିରୁ ଫେରି ଆଦିବାସୀମାନଙ୍କ ଦୁର୍ଦ୍ଦଶା ଦେଖି ସେ ବ୍ୟଥିତ ହେଲେ । ଗଡ଼ଜାତ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମରେ ଯେଉଁ ଲୋକମାନେ ନିର୍ଯ୍ୟାତନା ପାଇଥିଲେ ଓ ଜେଲ ଯାଇଥିଲେ ସେମାନଙ୍କର ପୁଅ ଓ ଝିଅ ଓ ଆଦିବାସୀ ପିଲାମାନଙ୍କୁ ନେଇ 'ବାଜି ରାଉତ ଛାତ୍ରାବାସ' ସ୍ୱାମୀ ନବକୃଷ୍ଣ ଚୌଧୁରୀଙ୍କ ସହ ମିଶି ଗଢ଼ିଲେ । ସେହି ଛାତ୍ରାବାସରେ ପିଲାମାନଙ୍କୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖିଥିଲେ ।

ସ୍ୱାଧୀନତା ସଂଗ୍ରାମର ପ୍ରତ୍ୟେକ ସୋପାନରେ ମାଳତୀ ଦେବୀଙ୍କ ସହଯୋଗ ଓ ଉତ୍ସାହ ପ୍ରଶଂସନୀୟ । ଓଡ଼ିଶାମାଟିକୁ ବୋହୂ ହୋଇ ଆସି ଓଡ଼ିଶାର ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶାରେ ସାମିଲ ହୋଇଗଲେ ସେ । ପାଠପଢ଼ା ସମୟରୁ ପରାଧୀନ ଭାରତର ମୁକ୍ତି ସଂଗ୍ରାମରେ ଝାସ ଦେଇ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସମାଜସେବାକୁ ବ୍ରତ ରୂପେ ସେ ପାଳନ କରିଯାଇଥିଲେ । ଲବଣ ସତ୍ୟାଗ୍ରହଠାରୁ ଭାରତଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ତାଙ୍କର ସକ୍ରିୟ ଯୋଗଦାନ ରହିଥିଲା । ବ୍ୟକ୍ତିଗତ ଓ ପାରିବାରିକ ଜୀବନର ଝଡ଼ଝଂଜା ମଧ୍ୟ ତାଙ୍କ ସଂଗ୍ରାମୀ ଜୀବନରେ ଲେଶମାତ୍ର ପ୍ରଭାବ ପକାଇ ପାରିନଥିଲା । ଓଡ଼ିଶାର ଜଣେ ବିପ୍ଳବୀ ନାରୀ ନେତ୍ରୀ ଭାବରେ ଦେଶରେ ସେ ଖ୍ୟାତି ଅର୍ଜନ କରିପାରିଥିଲେ । ସେ ଓଡ଼ିଶା ଜାତିର ଚିର ନମସ୍ୟ ।

କ୍ୱାଟର ନଂ- ୭-୯, ୟୁନିଟ୍-୧
ଭୁବନେଶ୍ୱର